# Odia

**Group Number :** 4
**Group Id :** 2268958790
**Group Maximum Duration :** 60
**Group Minimum Duration :** 60
**Show Attended Group? :** No
**Edit Attended Group? :** No
**Break time :** 0
**Group Marks :** 250

# Odia

**Section Id :** 22689514537
**Section Number :** 1
**Section type :** Online
**Mandatory or Optional :** Mandatory
**Number of Questions :** 41
**Number of Questions to be attempted :** 41
**Section Marks :** 250
**Maximum Instruction Time :** 0
**Sub-Section Number :** 1
**Sub-Section Id :** 22689529045
**Question Shuffling Allowed :** No

**Question Id : 226895700601 Question Type : COMPREHENSION Sub Question Shuffling Allowed : Yes Group Comprehension Questions : No Question Pattern Type : NonMatrix**
**Question Numbers : (151 to 154)**

**ନିମ୍ନରେ ଥିବା ଅନୁଚ୍ଛେଦଟିକୁ ପଢନ୍ତୁ ଓ ସଠିକ ଉତ୍ତର ଦିଅନ୍ତୁ।**

ସେଦିନ ଥିଲା ଏପ୍ରିଲର ଏକ ଅଳସ ସନ୍ଧ୍ୟା । ହଠାତ ଭୁବନେଶ୍ୱରରୁ ଦିଲ୍ଲୀ ବଦଳି ହେବାର ଖବର ପ୍ରଚାରିତ ହେବା ଶୁଣି ପରିବାର ମଧ୍ୟରେ ଏକ ନୀରବ ଗୁଞ୍ଜରଣ ଖେଳିଗଲା । ମହାଶ୍ୱେତାଙ୍କର ପ୍ରତିକ୍ରିୟା ଭିନ୍ନ ଥିଲା । ବୁଢୀ ମା' ସବୁବେଳେ ତାଗିଦ କରିବା ଢଂଗରେ କହୁଥିଲେ - ' ଏଇ ବୟସରେ ଘରସଂସାରକୁ ଛାଡି ଏତେ ଦୂରରେ ରହିବା ପାଇଁ ନିଷ୍ପତ୍ତି ନେବା କେଉଁ ବୁଦ୍ଧିମତାର ପରିଚୟ ? ପରଦେଶରେ କିଏ ଗଣ୍ଡାଏ ରାନ୍ଧି ଦେବ ? କେଉଁଠି ରହିବ ? ' ମାତ୍ର କଲେଜ ପଢୁଆ ପୁଅ ଉପରେ କୌଣସି ପ୍ରଭାବ ପଡିଲା ନାହିଁ, ବରଂ ସେ ଭାବୁଥିଲା - ପିତାଙ୍କ ଅନୁପସ୍ଥିତିରେ ସେ ଅଧିକ ସ୍ୱାଧୀନ ହୋଇଯିବ । ସମୟ ଅସମୟରେ ଫେରିଲେ ବି ଘରେ କେହି ଆକଟ କରିବାକୁ ରହିବେ ନାହିଁ । ମୁକ୍ତ ଅକାଶର ବିହଙ୍ଗଟିଏ ସାଜି ସ୍ୱତନ୍ତ୍ରତାର ମଜା ଚାଖିବ । ମାତ୍ର ଝିଅ ଶ୍ୱେତଲୀନା ଖୁବ୍ ଚିନ୍ତିତ ହୋଇ ପଡିଲା । ପିତାଙ୍କ ବିନା ନିଜକୁ ସୁରକ୍ଷିତ ମନେ କରୁ ନଥିଲା । ପତ୍ନୀ ରୁବିଙ୍କର ଚିନ୍ତା ବଢି ଯାଇଥିଲା । ସୌମ୍ୟଙ୍କ ବିନା ଘରକାମ ଚଳିବ କିପରି ? ପିଲାମାନେ ତ ଘର ପ୍ରତି ଧ୍ୟାନ ଦେଉ ନାହାନ୍ତି !

ଅପର ପକ୍ଷରେ ସୌମ୍ୟ ଖୁବ୍ ପ୍ରସନ୍ନ ଥିଲେ । ସେ କେବେହେଲେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ, ସେ ଜୀବନରେ ଗେଜେଟେଡ୍ (ଉଚ୍ଚ ପଦସ୍ଥ ପ୍ରସାସନିକ) ଅଫିସର ହୋଇଯିବେ । ଅବସର ନେବାକୁ ଆଉ ମାତ୍ର ତିନିବର୍ଷ ବାକି ଥିଲାବେଳେ ଅପ୍ରତ୍ୟାଶିତ ବଦଳି ପାଇଁ ଦିଲ୍ଲୀରୁ ଆଦେଶ ଆସିଲା । ବାଣିଜ୍ୟ ମନ୍ତ୍ରାଳୟରେ ଆଜି ପର୍ଯ୍ୟନ୍ତ ଦୀର୍ଘ ତିରିଶ ବର୍ଷ ସୁଚାରୁ ରୁପେ କାର୍ଯ୍ୟ ନିର୍ବାହ/ଚାକିରି କଲାପରେ ବହୁ ବାଧାବିଘ୍ନ ଘାତ ପ୍ରତିଘାତ ପରେ ଅଫିସ୍ ସୁପରିଟେଣ୍ଡେଣ୍ଟ ହେଲେ । ତେଣୁ ଆଗକୁ ପଦୋନ୍ନତି କଥା କେବେ ହେଲେ ଚିନ୍ତା କରି ନଥିଲେ ।

ଏ ସମ୍ପର୍କରେ ଅଧିକ ଚିନ୍ତା କରିବାର ସମୟ ନଥିଲା । ଅତି ଶୀଘ୍ର ନୂଆ ପଦବୀରେ ଯୋଗଦେବାର୍ ଥିଲା । ନିଜର କିଛି ଆସବାବପତ୍ର ନେଇ ସୌମ୍ୟ ଦିଲ୍ଲୀ ଯାତ୍ରା କଲେ । ଦୃତ ଗତିରେ ଗଡୁଥିବା ରାଜଧାନୀ ଏକ୍ସପ୍ରେସରେ ସୌମ୍ୟ ସୁନେଲି ସ୍ୱପ୍ନ ଦେଖି ଚାଲିଛନ୍ତି । ଦିଲ୍ଲୀରେ ଭଲ ବଂଗଳା ନମିଳିଲେ ବି ସୁନ୍ଦର ଫ୍ଲାଟଟିଏ ନିଶ୍ଚୟ ମିଳିଯିବ । ଅତିକମରେ ସରକାରୀ ଚାକିରୀର ଶେଷ ତିନିବର୍ଷ ନିଶ୍ଚିନ୍ତରେ ବିତିଯିବ ।ନୂଆ କାର ଟିଏ କିଣିବା ଅସମ୍ଭବ ହେଲେ ବି ପୁରୁଣା କାର ଟିଏ ନିଶ୍ଚୟ କିଣିବେ । ହସ ହସ ମୁହଁରେ ସତେ ଯେମିତି ସମୁଦ୍ରର ଜୁଆର ଆସିଛି , ଦିଲ୍ଲୀ ଆସିବା ପରେ ଜୀବନର ପ୍ରକୃତ ବାସ୍ତବତାକୁ ଅନୁଭବ କଲେ ସୌମ୍ୟ।

**Sub questions**

**Question Number : 151 Question Id : 226895700602 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ସୌମ୍ୟଙ୍କର ବଦଳିକୁ ନେଇ ବୁଢୀ ମା' ଙ୍କର ପ୍ରତିକ୍ରିୟା କେମିତି ଥିଲା ?

1. ବେଶ୍ ଖୁସି
2. ଚିନ୍ତାଜନକ
3. ତୃପ୍ତିର ଅନୁଭୁତି
4. କ୍ରୋଧିତ

**Options :**
2268952716398. 1
2268952716399. 2
2268952716400. 3
2268952716401. 4

**Question Number : 152 Question Id : 226895700603 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ସୌମ୍ୟଙ୍କର ବଦଳିକୁ ନେଇ ଶ୍ୱେତଲୀନାର ପ୍ରତିକ୍ରିୟା କେମିତି ଥିଲା ?

1. ବେଶ୍ ଖୁସି
2. ତୃପ୍ତିର ଅନୁଭୁତି
3. ଚିନ୍ତାଜନକ
4. କ୍ରୋଧିତ

**Options :**
2268952716402. 1
2268952716403. 2
2268952716404. 3
2268952716405. 4

**Question Number : 153 Question Id : 226895700604 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

କଲେଜ ପଢୁଆ ପୁଅ କାହିଁକି ଖୁବ୍ ଉତଫୁଲ୍ଲିତ ଥିଲେ ?

1. ରୁବି ଆଦୌ ଚିନ୍ତା କରୁ ନଥିଲେ
2. ଝିଅ ମଧ୍ୟ ଚିନ୍ତା କରୁ ନଥିଲା
3. ସମସ୍ତେ ଏକାଠି ଦିଲ୍ଲୀରେ ମଜା  କରିବେ
4. ପିତାଙ୍କ ଅନୁପସ୍ଥିତିରେ ସେ ଅଧିକ ସ୍ୱାଧୀନ ହେଇଯିବେ

**Options :**
2268952716406. 1
2268952716407. 2
2268952716408. 3
2268952716409. 4

**Question Number : 154 Question Id : 226895700605 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ସୌମ୍ୟ କେଉଁ ବିଭାଗରେ ଏବଂ କେତେ ବର୍ଷ ଚାକିରୀ କରି ସାରିଥିଲେ ?

1. ପୂର୍ତ୍ତ ବିଭାଗରେ କୋଡିଏ ବର୍ଷ
2. କୃଷି ବିଭାଗରେ ପନ୍ଦର ବର୍ଷ
3. ବାଣିଜ୍ୟ ମନ୍ତ୍ରାଳୟରେ ତିରିଶ ବର୍ଷ
4. ଆଇନ୍ ବିଭାଗରେ ତିରିଶ ବର୍ଷ

**Options :**

2268952716410. 1

2268952716411. 2

2268952716412. 3

2268952716413. 4

| | |
|---|---|
| **Sub-Section Number :** | 2 |
| **Sub-Section Id :** | 22689529046 |
| **Question Shuffling Allowed :** | No |

**Question Id : 226895700606 Question Type : COMPREHENSION Sub Question Shuffling Allowed : Yes Group Comprehension Questions : No Question Pattern Type : NonMatrix**

**Question Numbers : (155 to 158)**

**ନିମ୍ନରେ ଥିବା ଅନୁଚ୍ଛେଦଟିକୁ ପଢନ୍ତୁ ଓ ସଠିକ ଉତ୍ତର ଦିଅନ୍ତୁ।**

ଦିଲ୍ଲୀରେ ଶୀତ ଦିନିଆ ଭୟଙ୍କର ବାୟୁ ପ୍ରଦୂଷଣ ଓ ସେହି ସମୟରେ ଜାତିସଂଘ ଦ୍ୱାରା ଆହୁତ ' କୋପା-୨୯'- ବାର୍ଷିକ ପରିବେଶ ସଂକ୍ରାନ୍ତ ସମ୍ମିଳନୀ - ପରିପ୍ରେକ୍ଷୀରେ ବାୟୁ ପ୍ରଦୂଷଣ, କାର୍ବନ ନିର୍ଗମନ ଓ ତତଜନିତ ବିଶ୍ୱ ଉତପ୍ତିକରଣ ଏବଂ ଜଳବାୟୁ ପରିବର୍ତ୍ତନ ତଥା ସେହି କାରଣରୁ ଘଟୁଥିବା ପ୍ରାକୃତିକ ବିଭୀଷିକା ଓ ତାହାର ପ୍ରତିକାର ସମ୍ବନ୍ଧିୟ ଚର୍ଚା ଚର୍ଚ୍ଚା ଓ ତର୍କ ଆଦିରେ ଲୋକଙ୍କ କ୍ଷେତ୍ର ମୁଖର ହୋଇ ଉଠୁଥିବା ବେଳେ ଗୋଟିଏ ବିଷୟ ହୃଦବୋଧ କରି ହେଇଥାଏ ଯେ କେବଳ ଦୃଶ୍ୟମାନ ବିକୃତିମାନ ଆମକୁ ଉଦବିଗ୍ନ ଓ ଉଦବେଳିତ କରିଥାଏ ସିନା, ଆମ ଦୃଷ୍ଟି ଅନ୍ତରାଳରେ ଘଟି ଚାଲିଥିବା ଅନେକ ବିକୃତି ଜୀବନକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିପନ୍ନ କରିବାର ସ୍ଥିତିରେ ଥିଲେ ହେଁ, ସେ ନେଇ ଆମେମାନେ ବିଶେଷ ଚିନ୍ତିତ ହୋଇ ନ ଥାନ୍ତି; ଯେମିତିକି ଭୂତଳ ଜଳର ମାତ୍ରାଧିକ ବ୍ୟବହାର ହେତୁ ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତାରେ ବୃଦ୍ଧି ଘଟିଥାଏ ।

ଅବଶ୍ୟ, ଭୂତଳ ଜଳସ୍ତରରେ ହ୍ରାସ ନେଇ ବିଚଳିତବୋଧ ପ୍ରକାଶ ପାଇଲାଣି, କିନ୍ତୁ ଭୂତଳ ଜଳର ସଂକୋଚନ କିଭଳି ଭୂପୃଷ୍ଠକୁ ମଧ୍ୟ ଅଧିକ ଦୁର୍ବିପାକ ସଂକୁଳ କରି ପକାଇବ, ସେ ନେଇ ଧାରଣା ସୃଷ୍ଟି ହୋଇପାରି ନାହିଁ । ଏହି ସନ୍ଦର୍ଭରେ **' ଜିଓ-ଫିସିକାଲ୍ ରିସାର୍ଚ୍ଚ ଲେଟର୍ସ୍ '** ନାମକ ଏକ ଗବେଷଣା ମୂଳକ ପତ୍ରିକାରେ ନିକଟରେ ପ୍ରକାଶିତ ଏକ ଆଲେଖ୍ୟ ପ୍ରଣିଧାନଯୋଗ୍ୟ, ଯେଉଁଥିରେ ଉଲ୍ଲେଖ ରହିଛି କିଭଳି ମାତ୍ରାଧିକ ମାନବୀୟ ହସ୍ତକ୍ଷେପ ହେତୁ ଅନ୍ତରୀକ୍ଷରେ ମଧ୍ୟ ପୃଥିବୀ ଟଳମଳ ହେବାରେ ଲାଗିଲାଣି, ଯାହା ହିଁ ହେଉଛି ଉପରୋକ୍ତ ଆଶଙ୍କାର କାରଣ ।

ମୋଟାମୋଟି ୫,୯୭୪ ନିୟୁତ କିଲୋଗ୍ରାମ୍ ଓଜନ ବିଶିଷ୍ଟ ଆମ ସୁନୀଳ ଗ୍ରହଟି ଅନ୍ତରୀକ୍ଷରେ ଝୁଲନ୍ତା ଅବସ୍ଥାରେ ରହି ଏକ ନିର୍ଦ୍ଦିଷ୍ଟ କକ୍ଷ ପଥରେ ସୂର୍ଯ୍ୟକୁ ପ୍ରଦକ୍ଷିଣ/ପରିକ୍ରମା କରିବା ସହିତ ସୂର୍ଯ୍ୟ ଆଡକୁ ୨୩.୫ ଡିଗ୍ରୀ କୋଣରେ ଢଳି ରହି ନିଜ ଅକ୍ଷକୁ କେନ୍ଦ୍ର କରି ଲଟୁ ତୁଲ୍ୟ ଘୂର୍ଣ୍ଣୟମାନ ହେବା କଥା ସମସ୍ତେ ଜାଣନ୍ତି । ତେବେ କିଛି ବର୍ଷ ହେଲାଣି ପୃଥିବୀର ଢଳଣରେ ଘଟି ଚାଲିଥିବା ଦୁର୍ବୋଧ ବୃଦ୍ଧି ବୈଜ୍ଞାନିକ ମାନଙ୍କୁ ହତଚକିତ କରି ଆସିଛି ଏବଂ ସେମାନଙ୍କ କହିବା ଅନୁସାରେ ଇତି ମଧ୍ୟରେ ପୃଥିବୀ ୩୧.୫ ଇଂଚ ଅଧିକ ଢଳି ସାରିଲାଣି । **' ଜିଓ-ଫିସିକାଲ୍ ରିସାର୍ଚ୍ଚ ଲେଟର୍ସ୍ '** ନିବନ୍ଧ ଅନୁସାରେ ମାତ୍ରାଧିକ ଭୂତଳ ଜଳ ଅପସାରଣ ହେତୁ ଭୂଗର୍ଭରେ ସୃଷ୍ଟି ଶୁନ୍ୟତା ହିଁ ପୃଥିବୀର ଭାରସାମ୍ୟ ସ୍ଖଳନ ଓ ତଜ୍ଜନିତ ପୃଥିବୀର ଅଧିକ ଢଳନର କାରଣ । ପୃଥିବୀର ବିଶାଳତା ତୁଳନାରେ ଯଦିଓ ଏହା ନଗନ୍ୟ, ତଥାପି ଏଭଳି ସାମାନ୍ୟ ପରିବର୍ତ୍ତନର ପ୍ରଭାବ ମଧ୍ୟ ଅତ୍ୟନ୍ତ ସୁଦୂର ପ୍ରସାରୀ । ଏହି କାରଣରୁ ସମୁଦ୍ର ପତନରେ ବୃଦ୍ଧି ଘଟୁଛି ଏବଂ ବିଭିନ୍ନ ବିଶେଷଜ୍ଞ ମାନଙ୍କ ଆକଳନ ଅନୁସାରେ ୨୦୫୦ ମସିହା ସମୁଦ୍ରର ଜଳ ସ୍ତରରେ ଏକ ଫୁଟରୁ ମଧ୍ୟ ଅଧିକ ବୃଦ୍ଧି ଘଟିବା ଦ୍ୱାରା ଅନେକ ସମୃଦ୍ଧ ଓ ଜନାକୀର୍ଣ୍ଣ ଦ୍ୱୀପ ସମୁହ ସମୁଦ୍ରରେ ଗର୍ଭରେ ଲୀନ ହେବେ ଏବଂ ସମୁଦ୍ର ତଟବର୍ତ୍ତୀ ଲଣ୍ଡନ ବା ମୁମ୍ବାଇ ବା ସାଂଘାଇ ଆଦି ଭଳି ମହାନଗରୀ ଗୁଡିକର ଅସ୍ତିତ୍ୱ ସଂକଟ ଦେଇ ମଧ୍ୟ ଗତି କରିବେ । ଏମିତି ଅନେକ ଜାଗତୀୟ ପରିବର୍ତ୍ତନ ଦେଇ ପୃଥିବୀ ଶୁନ୍ୟଗର୍ଭା ହେବାର ଅର୍ଥ ଯେ ପୃଥିବୀ ପୃଷ୍ଠରେ ଅନର୍ଥକୁ ଆମନ୍ତ୍ରଣ, ଏହା ଯଥାଶୀଘ୍ର ହୃଦବୋଧ ହେବା ଉଚିତ ।

**Sub questions**

**Question Number : 155 Question Id : 226895700607 Question Type : MCQ Option Shuffling : No Display Question Number : Yes Is Question Mandatory : No**

**Correct Marks : 5 Wrong Marks : 1**

ଦୃଶ୍ୟମାନ ବିକୃତିମାନ କହିଲେ କଣ ବୁଝାଏ ନାହିଁ ?

1. ବାୟୁ ପ୍ରଦୂଷଣ
2. ବିଶ୍ୱ ଉତପ୍ତିକରଣ
3. ପ୍ରାକୃତିକ ବିଭୀଷିକା
4. ଭୂଗର୍ଭରେ ଘଟୁଥିବା ପରିବର୍ତ୍ତନ

**Options :**
2268952716414. 1
2268952716415. 2
2268952716416. 3
2268952716417. 4

**Question Number : 156 Question Id : 226895700608 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ପୃଥିବୀର ମୋଟାମୋଟି ଓଜନ କେତେ ନିୟୁତ କିଲୋଗ୍ରାମ  ଏବଂ ପ୍ରଦତ୍ତ ଗବେଷଣା ଅନୁସାରେ ପୃଥିବୀ କେତେ ଇଂଚ ଢଳି ସାରିଲାଣି ?

1. ୫,୭୯୪ ଏବଂ ୩୧.୫ ଡିଗ୍ରୀ
2. ୫,୪୯୭ ଏବଂ ୩୧.୫ ଡିଗ୍ରୀ
3. ୫,୯୭୪  ଏବଂ ୩୨.୫ ଡିଗ୍ରୀ
4. ୫,୯୭୪ ଏବଂ ୩୧.୫ ଡିଗ୍ରୀ

**Options :**
2268952716418. 1
2268952716419. 2
2268952716420. 3
2268952716421. 4

**Question Number : 157 Question Id : 226895700609 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ନିବନ୍ଧ ଅନୁସାରେ କାହାକୁ ନଗଣ୍ୟ କୁହାଯାଇଛି ?

1. ଦିଲ୍ଲୀର ଶୀତଦିନିଆ ବାୟୁ ପ୍ରଦୂଷଣ
2. ଗବେଷଣାରେ ପ୍ରକାଶିତ ପୃଥିବୀର ଢଳନର ମାତ୍ରା
3. ଦୃଶ୍ୟମାନ ବିକୃତିମାନ
4. ପୃଥିବୀର ଶୁନ୍ୟଗର୍ଭା ହେବା

**Options :**
2268952716422. 1
2268952716423. 2
2268952716424. 3
2268952716425. 4

**Question Number : 158 Question Id : 226895700610 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ସମୁଦ୍ରପତ୍ତନରେ ବୃଦ୍ଧି ଘଟୁଥିବାର ପ୍ରଭାବ କେଉଁ ସହର ଉପରେ ରହିବ ?

1. ସମୃଦ୍ଧ ଓ ଜନାକୀର୍ଣ୍ଣ ଦ୍ୱୀପ
2. ଲଣ୍ଡନ ବା ମୁମ୍ବାଇ
3. ଋତୁଚକ୍ର ଓ ପାଣିପାଗରେ ବ୍ୟତିକ୍ରମ
4. ଅନ୍ତରୀକ୍ଷରେ ସୂର୍ଯ୍ୟର ଅବସ୍ଥିତି

**Options :**

2268952716426. 1
2268952716427. 2
2268952716428. 3
2268952716429. 4

| | |
|---|---|
| **Sub-Section Number :** | 3 |
| **Sub-Section Id :** | 22689529047 |
| **Question Shuffling Allowed :** | No |

**Question Id : 226895700611 Question Type : COMPREHENSION Sub Question Shuffling Allowed : Yes Group Comprehension Questions : No Question Pattern Type : NonMatrix**

**Question Numbers : (159 to 162)**

**ନିମ୍ନରେ ଥିବା ଅନୁଚ୍ଛେଦଟିକୁ ପଢନ୍ତୁ ଓ ସଠିକ ଉତ୍ତର ଦିଅନ୍ତୁ।**

" କାଂଟୋ ମେଁ ଗୁଜାର୍ ଦେତା ହେଁ ଗୁଲାବ୍ ଜୀନ୍ଦଗି ଅପନି, କୌନ୍ କହେତା ହେଁ ଫୁଲୋଂ ମେଁ ଗମ୍ ନହିଁ ହୋତେ..." ସୁନ୍ଦର ଫୁଲଟିଏ ଦେଖିଲେ ଖୁସିରେ ମନ ଭରିଉଠେ । ଏପରି କୋମଳ ଫୁଲଟିର ଜୀବନରେ ମଧ୍ୟ ବେଦନା ଅଛି । କିଏ କହେ ଫୁଲର ଦୁଃଖ ନାହିଁ ? ଏତେ ସୁନ୍ଦର ଗୋଲାପ ପରା  କଣ୍ଟାର ମେଳରେ ବ୍ୟଥା ସହିସହି ସାରା ଜୀବନ ବିତେଇଦିଏ । ଏମିତି କୌଣସି ହୃଦୟ ଅଛିକି ଯାହାକୁ ବେଦନା କେବେ ସ୍ପର୍ଶ କରି ନାହିଁ ? ପ୍ରାଣୀ ମାତ୍ରକେ ସମସ୍ତେ ଯନ୍ତ୍ରଣାର ଅନୁଭବୀ । ସେମାନଙ୍କ ମଧ୍ୟରୁ କେବଳ ମନୁଷ୍ୟ ହିଁ ଶରୀର ପୀଡା ସହିତ ମାନସିକ ବେଦନା ମଧ୍ୟ ସହିଥାଏ । ପୀଡାଠାରୁ ଦୂରେଇ ରହିବା ଚେଷ୍ଟା ତା'ର ବିଫଳ ହୁଏ , କାରଣ ମନୁଷ୍ୟ ଜାଣେ, ପୀଡା ତା ଅସ୍ତିତ୍ୱର ଏକ ମୌଳିକ ଉପାଦାନ । ଦୁଃଖ  ଓ ଯନ୍ତ୍ରଣା ସମାନ ନୁହନ୍ତି । ଦୁଃଖ କୌଣସି ଏକ କ୍ଷତିର ପ୍ରାକୃତିକ ପ୍ରତିକ୍ରିୟା । ପ୍ରିୟ ବସ୍ତୁ ହାତଛଡା ହେଲେ କିମ୍ବା ପ୍ରିୟତମ ଭାବାବେଗଟି ଆହତ ହେଲେ ମନରେ ଯେଉଁ ଉଦ୍ବେଳନ ସୃଷ୍ଟି ହୁଏ ତାହା ହିଁ ଦୁଃଖ  । ଦୁଃଖର ପାଖେ ପାଖେ ରହିଥାଏ ମାନସିକ ବ୍ୟଥା । ଦୁଃଖ  ବିଷାଦ ହେଲେ , ବ୍ୟଥା ବିଷାଦ ଜନିତ ଜ୍ୱଳନ ।

ଶାରୀରିକ ପୀଡା କ୍ଷଣସ୍ଥାୟୀ, ମାତ୍ର ମାନସିକ ପୀଡାର ଉପଶମ ନାହିଁ । ମନୁଷ୍ୟକୁ ଏହା କେତେବେଳେ ଭାଂଗି ପକାଏ ତ' ଆଉ କେତେବେଳେ ତା'ର ମନୋବଳ ସୁଦୃଢ କରିଥାଏ । ଭୟ ଓ କ୍ରୋଧର ପ୍ରାକୃତିକ ସମାଧାନ ଥିଲାପରି ମାନସିକ ବ୍ୟଥାର ସମାଧାନ କିଛି ନାହିଁ । ଦୁଃଖ  ଚାଲିଯାଏ, ବ୍ୟଥା ରହିଯାଏ । ମନର ଦୁଃଖ  ପ୍ରକାଶ୍ୟ, ବେଦନା ଅପ୍ରକାଶ୍ୟ । ସେଥିପାଇଁ କାହାରି ଦୁଃଖ ଆମକୁ ସମଦୁଃଖୀ କଲେ ମଧ୍ୟ ତା'ର ମନର ବେଦନା ରହିଯାଏ ଅପ୍ରକାଶିତ ଓ ଅସମ୍ବେଦିତ । ଦରଦୀ ବନ୍ଧୁ ନିକଟରେ ଆପଣ ଦୁଃଖ ବାଣ୍ଟିପାରିବେ , ମନର ବେଦନା ନୁହେଁ । ଅସ୍ତିତ୍ୱ ନିମନ୍ତେ ମନୋବ୍ୟଥା ଏକ ଅତ୍ୟାବଶ୍ୟକ ଭାବାବେଗ । ମନୁଷ୍ୟ ତା'ର ଜୀବନରେ କରି ଚାଲିଥିବା ଭୁଲକୁ ତା' ମନର ପୀଡା ହିଁ ସୂଚାଇ ଦେଇ ତାକୁ ସତର୍କ କରିଦିଏ । ଅନେକ ଅଭିଯୋଗ କରିଥାନ୍ତି ଯେ ଜୀବନଟି ଦୁଃଖରେ ବିତିଗଲା, କିନ୍ତୁ ଜୀବନ ପାଇଁ ଦୁଃଖ ଅର୍ଥହୀନ । ଆମର ଅଜ୍ଞତା ହେତୁ ଦୁଃଖ ଜୀବନ ମଧ୍ୟକୁ ପ୍ରବେଶାଧିକାର ପାଇଥାଏ । ଏହାର ଉତ୍ପତ୍ତି କେଉଁଠାରୁ ? ଏ ପ୍ରଶ୍ନର ଉତ୍ତର ରହିଛି **'ଶ୍ରୀମଦଭଗବତ'** ର ୧୧.୨୩.୪୨ ଅଧ୍ୟାୟରେ : " ନ୍ୟାୟଂ ଜନୋମେ ସୁଖଦୁଃଖ ହେତୁର୍ନଦେବତାତ୍ମା ଗ୍ରହ କର୍ମ କାଳାଃ ,  ମନଃ ପରଂ କାରଣମାମନନ୍ତି ସଂସାର୍ ଚକ୍ରାଂ ପରିବର୍ତ୍ତୟେଦୟତ୍ " । ସୁଖ ଓ ଦୁଃଖର ହେତୁ ଆମର ମନ ହେଉଛି ଅନିୟନ୍ତ୍ରିତ। ମନ ହିଁ ଦୁଃଖ ଓ ବେଦନାର ମୂଳ କାରଣ । ମନ ତା' ହେଲେ କଣ ଓ ଥାଏ କେଉଁଠି ? ଦାର୍ଶନିକ ଏଡବାର୍ଡ଼ ଡେ ବନୋ ଏ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି " ମନ ମସ୍ତିଷ୍କର ଏକ ସଂଗଠିତ ପ୍ରଣାଳୀ, ଯାହାର ପ୍ରାଥମିକ କାର୍ଯ୍ୟ ହେଉଛି ଆମର ସୁବିନ୍ୟସ୍ତ ଚେତନାକୁ  ଅଟକାଇ ଦେଇ ନିଜର ନିୟନ୍ତ୍ରଣକୁ ନେଇଯିବା, ଫଳତଃ ଆମେ ମନର ଅଧୀନ ହୋଇ ରହିଥାଉ । ଭାବନାରେ ଯେତେ ଦୁଃଖର ଅନୁଭବ ହେଉଥାଏ ମନ ସେତିକି ପୀଡା ଅନୁଭବକୁ ଆଣିଥାଏ । ଏକ ଅନିୟନ୍ତ୍ରିତ ମନ ଛଡା ମନୁଷ୍ୟର ଆଉ କେହି ଶତ୍ରୁ ନାହାନ୍ତି ।

**Sub questions**

**Question Number : 159 Question Id : 226895700612 Question Type : MCQ Option Shuffling : No Display Question Number : Yes Is Question Mandatory : No**

**Correct Marks : 5 Wrong Marks : 1**

ଦୁଃଖ ବିଷାଦ ହେଲେ କଣ ହୁଏ ?

1. କୋଇ ଗମ୍ ନହିଁ ହୋତେ ( କୌଣସି ବେଦନାହୁଏ ନାହିଁ )
2. ମାନସିକ ପୀଡା କ୍ଷଣସ୍ଥାୟୀ ହୋଇଥାଏ
3. ବିଷାଦ ଜନିତ ବ୍ୟଥା ଜ୍ୱଳନର ଉପୃତ୍ତି
4. ସୁବିନ୍ୟସ୍ତ ଚେତନା ଜାଗ୍ରତ ହୁଏ

**Options :**
2268952716430. 1
2268952716431. 2
2268952716432. 3
2268952716433. 4

**Question Number : 160 Question Id : 226895700613 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ମନୁଷ୍ୟ ବ୍ୟତୀତ ଆଉ କାହାକୁ ମାନସିକ ବେଦନା ସହିବାକୁ ପଡିଥାଏ ?

1. ବାନର
2. ଗରିଲା
3. ବାଘ
4. କେବଳ ମନୁଷ୍ୟ ଛଡା ଆଉ କେହି ନୁହେଁ

**Options :**
2268952716434. 1
2268952716435. 2
2268952716436. 3
2268952716437. 4

**Question Number : 161 Question Id : 226895700614 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ସୁଖ ଓ ଦୁଃଖର ହେତୁ ହେଉଛି ଆମର ଅନିୟନ୍ତ୍ରିତ ମନ । ମନ ହିଁ ଦୁଃଖ ଓ ବେଦନାର ମୂଳ କାରଣ । ଏହା କେଉଁଠୁ ଉଦ୍ଧୃତ ?

1. ମହାଭାରତ
2. ଶ୍ରୀମଦଭଗବତ ଗୀତା
3. ସଂସ୍କୃତ ଶ୍ଳୋକ
4. ସରସ ରସ

**Options :**
2268952716438. 1
2268952716439. 2
2268952716440. 3
2268952716441. 4

**Question Number : 162 Question Id : 226895700615 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ଦାର୍ଶନିକ ଏଡବାର୍ଡ୍ ଡେ  ବନୋଙ୍କ ମତରେ ମନ କେଉଁଠି ଥାଏ ?

1. ଦୃଷ୍ଟିର ଏକ ସଂଗଠିତ ପ୍ରଣାଳୀ
2. ଘ୍ରାଣେନ୍ଦ୍ରିୟର ସଂଗଠିତ ପ୍ରଣାଳୀ
3. କାମେନ୍ଦ୍ରିୟର ସଂଗଠିତ ପ୍ରଣାଳୀ
4. ମସ୍ତିଷ୍କର ସଂଗଠିତ ପ୍ରଣାଳୀ

**Options :**
2268952716442. 1
2268952716443. 2
2268952716444. 3
2268952716445. 4

**Sub-Section Number :** 4
**Sub-Section Id :** 22689529048
**Question Shuffling Allowed :** Yes

**Question Number : 163 Question Id : 226895700616 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ଗୋ ସୀତେ, ହେ ସଖେ, ଦାଶେ ଓ ଲୋକଟା : ଏଗୁଡିକ କେଉଁ ବିଭକ୍ତିର ପରିଚୟ ?

1. ଦ୍ବିତୀୟ ବିଭକ୍ତି
2. ତୃତୀୟା ବିଭକ୍ତି
3. ଚତୁର୍ଥୀ ବିଭକ୍ତି
4. ପ୍ରଥମା ବିଭକ୍ତି

**Options :**
2268952716446. 1
2268952716447. 2
2268952716448. 3
2268952716449. 4

**Question Number : 164 Question Id : 226895700617 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ରୋଗରେ ଆକ୍ରାନ୍ତ = ରୋଗାକ୍ରାନ୍ତ : ଏହାର ସମାସ ଚିହ୍ନଟ କରନ୍ତୁ ।

1. ତୃତୀୟା ତତ୍ପୁରୁଷ
2. ଦ୍ବିଗୁ ସମାସ
3. ସପ୍ତମୀ ତତ୍ପୁରୁଷ
4. ଚତୁର୍ଥୀ ତତ୍ପୁରୁଷ

**Options :**
2268952716450. 1
2268952716451. 2
2268952716452. 3
2268952716453. 4

**Question Number : 165 Question Id : 226895700618 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ଆଧୁନିକ ଓଡିଆ ଭାଷାର ଲିଖନରେ ମୋଟ କେତୋଟି ବର୍ଣ୍ଣ ବ୍ୟବହୃତ ହୁଏ ?

1. ୪୩
2. ୪୯
3. ୪୬
4. ୫୯

**Options :**
2268952716454. 1
2268952716455. 2
2268952716456. 3
2268952716457. 4

**Question Number : 166 Question Id : 226895700619 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ସବୁ ବିଶେଷ୍ୟ ପଦ କେଉଁ ପୁରୁଷର ଅନ୍ତର୍ଗତ ଅଟେ ?

1. ଦ୍ୱିତୀୟ ଏକବଚନ
2. ତୃତୀୟ
3. ପ୍ରଥମ
4. ଦ୍ୱିତୀୟ

**Options :**
2268952716458. 1
2268952716459. 2
2268952716460. 3
2268952716461. 4

**Question Number : 167 Question Id : 226895700620 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ନିମ୍ନଲିଖିତ ପଦଗୁଡିକରୁ କେଉଁଟି ଯୁଗ୍ମ ଶବ୍ଦ ନୁହେଁ ?

1. ମୂଳଶବ୍ଦ
2. କଥାବାର୍ତ୍ତା
3. ଜଗାରଖା
4. ଝାଟିମାଟି

**Options :**
2268952716462. 1
2268952716463. 2
2268952716464. 3
2268952716465. 4

**Question Number : 168 Question Id : 226895700621 Question Type : MCQ Option Shuffling : No Display Question Number : Yes Is Question Mandatory : No**

**Correct Marks : 5 Wrong Marks : 1**

ଯେଉଁ ଶବ୍ଦ ତାର ବ୍ୟୁତ୍ପତ୍ତିଗତ ଅର୍ଥରେ ଅନେକ ବସ୍ତୁକୁ ବୁଝାଇବା ପାଇଁ ସମର୍ଥ ହେଉଥିଲେ ବି ମାତ୍ର ଗୋଟିଏ ବସ୍ତୁକୁ  ବୁଝାଏ, ତାହାକୁ କି ଶବ୍ଦ କୁହାଯାଏ ?

1. ଯୁଗ୍ମ ଶବ୍ଦ
2. ଯୋଡି ଶବ୍ଦ
3. ମିଶ୍ର ଶବ୍ଦ
4. ଯୋଗାରୁଢ଼ ଶବ୍ଦ

**Options :**
2268952716466. 1
2268952716467. 2
2268952716468. 3
2268952716469. 4

**Question Number : 169 Question Id : 226895700622 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ଓଡିଆ ଭାଷାରେ ବ୍ୟବହୃତ ହେଉଥିବା କେତେକ ଶବ୍ଦ ସଂସ୍କୃତ ବା ପ୍ରାକୃତମୂଳକ ନୁହନ୍ତି, ଯଥା ଛପଟ, ବଟୁଆ, କୋରାଡା, ବୁଦା ... ....ଇତ୍ୟାଦି । ଏ ପ୍ରକାର ଶବ୍ଦଗୁଡିକୁ  କଣ କୁହାଯାଏ ?

1. ବୈଦେଶିକ ଶବ୍ଦ
2. ତଭବ ଶବ୍ଦ
3. ଦେଶଜ ଶବ୍ଦ
4. ଗୌଣ ଶବ୍ଦ

**Options :**
2268952716470. 1
2268952716471. 2
2268952716472. 3
2268952716473. 4

**Question Number : 170 Question Id : 226895700623 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ନିମ୍ନରୁ ଧ୍ୱନ୍ୟାତ୍ମକ ଶବ୍ଦଟିକୁ ବାଛନ୍ତୁ:

1. କରାମତ
2. ଠକ୍ ଠକ୍
3. ପିଆଦା
4. ବାରୁଦ

**Options :**
2268952716474. 1
2268952716475. 2
2268952716476. 3
2268952716477. 4

**Question Number : 171 Question Id : 226895700624 Question Type : MCQ Option Shuffling : No Display Question Number : Yes Is Question Mandatory : No**

**Correct Marks : 5 Wrong Marks : 1**

ନିମ୍ନଲିଖିତ ପଦଗୁଡିକର ସନ୍ଧି ବିଛେଦ କରି ସଠିକ୍ ଉତ୍ତରଟି ବାଛ :

ଦୁରାଶ୍ରୟ, ଗଣେଶ, ରମେଶ

1. ଦୂର + ଆଶ୍ରୟ , ଗଣ + ଇଷ, ରମ + ଇଶ
2. ଦୁଃ + ଆଶ୍ରୟ , ଗଣ + ଈଶ, ରମ + ଈଶ
3. ଦୁଃ + ଆଶ୍ରୟ , ଗଣ + ଈଶ, ରମା + ଈଶ
4. ଦୁର + ଆଶ୍ରୟ , ଗଣ + ଈଶ, ରମ + ଈଶ

**Options :**
2268952716478. 1
2268952716479. 2
2268952716480. 3
2268952716481. 4

**Question Number : 172 Question Id : 226895700625 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ଅଶୁଦ୍ଧି ସଂଶୋଧନ କରି ସଠିକ୍ ଉତ୍ତରଟି ବାଛ:

ସ୍ତରିୟ, ସାର୍ବଜନିନ, ଶାସ୍ତ୍ରିୟ

1. ସ୍ତରୀୟ, ସର୍ବଜନୀନ, ଶାସ୍ତ୍ରୀୟ
2. ସ୍ତରିୟ, ସାର୍ବଜନୀନ, ଶାସ୍ତ୍ରୀୟ
3. ସ୍ତରୀୟ, ସାର୍ବଜନିନ, ଶାସ୍ତ୍ରୀୟ
4. ସ୍ତରୀୟ, ସାର୍ବଜନୀନ, ଶାସ୍ତ୍ରିୟ

**Options :**
2268952716482. 1
2268952716483. 2
2268952716484. 3
2268952716485. 4

**Question Number : 173 Question Id : 226895700626 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସଂପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (A) ଧବଳ ଅଟେ ବସ୍ତ୍ର | (I) ମିଥ୍ୟାବାଦୀ |
| (B) ଶୀତ ଅଟେ ଉଷ୍ଣ | (II) ବ୍ରହ୍ମର୍ଷି |
| (C) ମିଥ୍ୟା କହେ ଯେ | (III) ଧବଳବସ୍ତ୍ର |
| (D) ନ ଅତିଦୀର୍ଘ | (IV) ନାତିଦୀର୍ଘ |
| (E) ବ୍ରହ୍ମ ଅଟେ ଋଷି | (V) ଶୀତୋଷ୍ଣ |

ନିମ୍ନସ୍ଥ ବିକଳ୍ପ ଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଉତ୍ତରଟି ସ୍ଥିର କର:

1. (A)-(II), (B)-(I), (C)-(III), (D)-(IV), (E)-(V)
2. (A)-(I), (B)-(II), (C)-(III), (D)-(IV), (E)-(V)
3. (A)-(II), (B)-(I), (C)-(III), (D)-(V), (E)-(IV)
4. (A)-(III), (B)-(V), (C)-(I), (D)-(IV), (E)-(II)

**Options :**
2268952716486. 1
2268952716487. 2
2268952716488. 3
2268952716489. 4

**Question Number : 174 Question Id : 226895700627 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

କେଉଁଟି **'ଭୃତ୍ୟ'** ର ପ୍ରତିଶବ୍ଦ ନୁହେଁ ?

1. କିଙ୍କର
2. ଚାକର
3. ବୋଲକରା
4. ଦାସ

**Options :**
2268952716490. 1
2268952716491. 2
2268952716492. 3
2268952716493. 4

**Question Number : 175 Question Id : 226895700628 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

କେଉଁଟି **'ଜାୟା'** ର ପ୍ରତିଶବ୍ଦ ?

1. ରେଖା
2. ହେମା
3. ଘରଣୀ
4. ତପସ୍ୱିନୀ

**Options :**
2268952716494. 1
2268952716495. 2

2268952716496. 3
2268952716497. 4

**Question Number : 176 Question Id : 226895700629 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ଏହା ମଧ୍ୟରୁ କେଉଁଟି **'ନିଶିମୁଖ'** ର ପ୍ରତିଶବ୍ଦ ନୁହେଁ ?

1. ଗୋଧୂଳି
2. ନାରାଚ
3. ସାୟାହ୍ନ
4. ଦିନାନ୍ତ

**Options :**
2268952716498. 1
2268952716499. 2
2268952716500. 3
2268952716501. 4

**Question Number : 177 Question Id : 226895700630 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

କେଉଁଟି 'ଅରବିନ୍ଦ' ଶବ୍ଦର ପ୍ରତିଶବ୍ଦ ନୁହେଁ ?

1. ଉତ୍ପଳ
2. ସରୋଜ
3. ଅଟବୀ
4. ପଦ୍ମ

**Options :**
2268952716502. 1
2268952716503. 2
2268952716504. 3
2268952716505. 4

**Question Number : 178 Question Id : 226895700631 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

**'ରୂପଜୀବୀ'** ର ସମାନାର୍ଥ ବୋଧକ ଶବ୍ଦଟି ବାଛନ୍ତୁ:

1. ବାରବଧୂ
2. ତପସ୍ୱିନୀ
3. ସନ୍ୟାସିନୀ
4. ବୀରଂଗନା

**Options :**
2268952716506. 1
2268952716507. 2
2268952716508. 3

2268952716509. 4

**Question Number : 179 Question Id : 226895700632 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

**'ଉଚ୍ଚ'** ର ବିପରୀତାର୍ଥବୋଧକ ଶବ୍ଦଟି ହେଲା

1. ନୀଚ
2. ନୀଛ
3. ଖାଲ
4. ଦ୍ୱିପ

**Options :**
2268952716510. 1
2268952716511. 2
2268952716512. 3
2268952716513. 4

**Question Number : 180 Question Id : 226895700633 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'ନିନ୍ଦା'ର ବିପରୀତାର୍ଥକ ବୋଧକ ଶବ୍ଦଟି ହେଲା-

1. ଉତ୍ସାହ
2. ପ୍ରୋତ୍ସାହ
3. ପ୍ରଶଂସା
4. ଗୁଣ

**Options :**
2268952716514. 1
2268952716515. 2
2268952716516. 3
2268952716517. 4

**Question Number : 181 Question Id : 226895700634 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

**'ବୋକୀ'** ବିପରୀତାର୍ଥକବୋଧକ ଶବ୍ଦଟି ହେଲା-

1. ଚତୁରୀ
2. ପରାଧୀନ
3. ପାଠୋଇ
4. ମୂର୍ଖୁଣୀ

**Options :**
2268952716518. 1
2268952716519. 2
2268952716520. 3
2268952716521. 4

**Question Number : 182 Question Id : 226895700635 Question Type : MCQ Option Shuffling : No Display Question Number : Yes Is Question Mandatory : No**

**Correct Marks : 5 Wrong Marks : 1**

ନିମ୍ନରୁ କେଉଁଟି '**ବିଧବା**' ର ବିପରୀତାର୍ଥ ବୋଧକ ଶବ୍ଦ ଅଟେ ?

1. ଅଧବା
2. ସଧବା
3. ଗୃହିଣୀ
4. ସତୀ

**Options :**

2268952716522. 1

2268952716523. 2

2268952716524. 3

2268952716525. 4

**Question Number : 183 Question Id : 226895700636 Question Type : MCQ Option Shuffling : No Display Question Number : Yes Is Question Mandatory : No**

**Correct Marks : 5 Wrong Marks : 1**

'**ଆବିଳ**' ର ବିପରୀତ ଶବ୍ଦଟି କଣ ?

1. ଅନାମ୍ବିଳ
2. ଆନାବିଳ
3. ଅଜାମ୍ବିଳ
4. ଅନାବିଳ

**Options :**

2268952716526. 1

2268952716527. 2

2268952716528. 3

2268952716529. 4

**Question Number : 184 Question Id : 226895700637 Question Type : MCQ Option Shuffling : No Display Question Number : Yes Is Question Mandatory : No**

**Correct Marks : 5 Wrong Marks : 1**

ନିମ୍ନଲିଖିତ ରଚନା ମଧ୍ୟରୁ କେଉଁ ରଚନା ଗୁଡିକ ବିଭୁତି ପଟନାୟକ ଦ୍ଵାରା ଲିଖିତ:

(A) ଅଭିମାନ, ଆକାଶ କୁସୁମ

(B) ନରକିନ୍ନର, ଶକୁନ୍ତଳା

(C) ଧରିତ୍ରୀର କାନ୍ଦ, ଅନୁ ହଜିବା ପରେ

(D) ଭଲ ଝିଅ ଖରାପ ଝିଅ, ଦଗ୍ଧ ଫୁଲବନ

ଠିକ୍ ଉତ୍ତର ନିର୍ଦ୍ଧାରଣ କର:

1. (A) ଓ (B)
2. (A) ଓ (C)
3. (C) ଓ (D)
4. (A) ଓ (D)

**Options :**
2268952716530. 1
2268952716531. 2
2268952716532. 3
2268952716533. 4

**Question Number : 185 Question Id : 226895700638 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'କ' ସ୍ତମ୍ଭ ସହିତ **'ଖ'** ସ୍ତମ୍ଭର ଉପଯୁକ୍ତ ସଂପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (A) ସ୍ଥିତିବାଦୀ ଆଧୁନିକ କାଳର | (I) ଭାବକୁ |
| (B) ପ୍ରତୀକ --------- କୁ ବ୍ୟକ୍ତ କରେ | (II) ଦାର୍ଶନିକ ସୃଷ୍ଟି |
| (C) ଦସ୍ତୋଭସ୍କି | (III) ସ୍ଥିତିବାଦୀର ପ୍ରଥମ ସ୍ରଷ୍ଟା |
| (D) ସାତ୍ରେ | (IV) ସ୍ଥିତିବାଦୀ ଲେଖକ |

ନିମ୍ନସ୍ଥ ବିକଳ୍ପଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଉତ୍ତରଟି ସ୍ଥିର କର:

1. (A)-(I), (B)-(II), (C)-(III), (D)-(IV)
2. (A)-(II), (B)-(I), (C)-(III), (D)-(IV)
3. (A)-(II), (B)-(I), (C)-(IV), (D)-(III)
4. (A)-(I), (B)-(II), (C)-(IV), (D)-(III)

**Options :**
2268952716534. 1
2268952716535. 2
2268952716536. 3
2268952716537. 4

**Question Number : 186 Question Id : 226895700639 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (A) ତ୍ରିଲୋକର ନାଥ = ତ୍ରୈଲୋକ୍ୟନାଥ | (I) କର୍ମଧାରୟ ସମାସ |
| (B) ଭୟର ଅଭାବ = ନିର୍ଭୟ | (II) ଦ୍ୱିଗୁ ସମାସ |
| (C) ଭୀମ ଅଟେ କାନ୍ତ = ଭୀମକାନ୍ତ | (III) ଅବ୍ୟୟୀଭାବ ସମାସ |
| (D) ଗଦା ପାଣିରେ ଯାହାର ସେ = ଗଦାପାଣି | (IV) ବହୁବ୍ରୀହି |

ନିମ୍ନସ୍ଥ ବିକଳ୍ପଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଉତ୍ତରଟି ସ୍ଥିର କର:

1. (A)-(II), (B)-(III), (C)-(I), (D)-(IV)
2. (A)-(II), (B)-(I), (C)-(III), (D)-(IV)
3. (A)-(II), (B)-(I), (C)-(IV), (D)-(III)
4. (A)-(I), (B)-(II), (C)-(IV), (D)-(III)

**Options :**
2268952716538. 1
2268952716539. 2
2268952716540. 3
2268952716541. 4

**Question Number : 187 Question Id : 226895700640 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (A) ମିତ୍ର | (I) ଆରବୀ ଶବ୍ଦ |
| (B) କେଉଟ | (II) ପର୍ତ୍ତୁଗୀଜ୍ ଶବ୍ଦ |
| (C) ମସଲା | (III) ତଦ୍ଭବ ଶବ୍ଦ |
| (D) ଚାବି | (IV) ତତ୍ସମ ଶବ୍ଦ |

ନିମ୍ନସ୍ଥ ବିକଳ୍ପଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଉତ୍ତରଟି ସ୍ଥିର କର:

1. (A)-(III), (B)-(IV), (C)-(I), (D)-(II)
2. (A)-(IV), (B)-(III), (C)-(I), (D)-(II)
3. (A)-(IV), (B)-(III), (C)-(II), (D)-(I)
4. (A)-(II), (B)-(III), (C)-(I), (D)-(IV)

**Options :**
2268952716542. 1
2268952716543. 2
2268952716544. 3
2268952716545. 4

**Question Number : 188 Question Id : 226895700641 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (ରଚନାବଳୀ ) | (ଲେଖକ) |
| (A) ଶତାବ୍ଦୀର ନଚିକେତା | (I) ରାଧାମୋହନ ଗଡନାୟକ |
| (B) ବଉଳ ଫୁଲର ବାସନା | (II) ଶାନ୍ତନୁ କୁମାର ଆଚାର୍ଯ୍ୟ |
| (C) ହିରାଖଣ୍ଡ ଗାଥା | (III) ରାଜକିଶୋର ରାୟ |
| (D) ଦଶହରା ଭେଟି | (IV) ବିଭୁତି ପଟନାୟକ |

ନିମ୍ନସ୍ଥ ବିକଳ୍ପଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଉତ୍ତରଟି ସ୍ଥିର କର:

1. (A)-(III), (B)-(IV), (C)-(I), (D)-(II)
2. (A)-(II), (B)-(IV), (C)-(I), (D)-(III)
3. (A)-(II), (B)-(I), (C)-(IV), (D)-(III)
4. (A)-(I), (B)-(IV), (C)-(II), (D)-(III)

**Options :**
2268952716546. 1
2268952716547. 2
2268952716548. 3
2268952716549. 4

**Question Number : 189 Question Id : 226895700642 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ (ପ୍ରତିଶବ୍ଦ) |
|---|---|
| (A) ଅକାଳ କୁଷ୍ମାଣ୍ଡ | (I) ସାଧନା |
| (B) ଅଂଶ | (II) ରକ୍ତ |
| (C) ପ୍ରଯତ୍ନ | (III) ନିତାନ୍ତ ଅଯୋଗ୍ୟ |
| (D) ଶୋଣିତ | (IV) ସ୍କନ୍ଧ |

ନିମ୍ନସ୍ଥ ବିକଳ୍ପଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଉତ୍ତରଟି ସ୍ଥିର କର:

1. (A)-(II), (B)-(IV), (C)-(I), (D)-(III)
2. (A)-(III), (B)-(I), (C)-(IV), (D)-(II)
3. (A)-(III), (B)-(IV), (C)-(I), (D)-(II)
4. (A)-(IV), (B)-(III), (C)-(I), (D)-(II)

**Options :**
2268952716550. 1
2268952716551. 2
2268952716552. 3
2268952716553. 4

**Question Number : 190 Question Id : 226895700643 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (A) ଆଖି ବୁଜିବା | (I) ଠକିବା |
| (B) ବ୍ୟତିବ୍ୟସ୍ତ କରିବା | (II) ଇଶାରା ଦେବା |
| (C) ଆଖିରେ ଧୂଳି ଦେବା | (III) ଉଠେଇ ବସେଇ ନଦେବା |
| (D) ଆଖି ମାରିବା | (IV) ମୃତ୍ୟୁବରଣ କରିବା |

ନିମ୍ନସ୍ଥ ବିକଳ୍ପଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଉତ୍ତରଟି ସ୍ଥିର କର:

1. (A)-(IV), (B)-(III), (C)-(I), (D)-(II)
2. (A)-(IV), (B)-(III), (C)-(II), (D)-(I)
3. (A)-(IV), (B)-(II), (C)-(I), (D)-(III)
4. (A)-(III), (B)-(IV), (C)-(I), (D)-(II)

**Options :**
2268952716554. 1
2268952716555. 2
2268952716556. 3
2268952716557. 4

**Question Number : 191 Question Id : 226895700644 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସଂପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| **(ଶବ୍ଦ/ପଦ)** | **(ଲିଂଗ ନିର୍ଣ୍ଣୟ)** |
| (A) କାଗଜ | (I) ଉଭୟ ଲିଂଗୀ |
| (B) ଛେଳି | (II) ପୁଂଲିଂଗ |
| (C) ବାଘ | (III) ସ୍ତ୍ରୀଲିଂଗ |
| (D) କନ୍ୟା | (IV) କ୍ଳୀବ ଲିଂଗ |

ନିମ୍ନସ୍ଥ ବିକଳ୍ପଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଉତ୍ତରଟି ସ୍ଥିର କର:

1. (A)-(IV), (B)-(II), (C)-(I), (D)-(III)
2. (A)-(IV), (B)-(III), (C)-(II), (D)-(I)
3. (A)-(IV), (B)-(III), (C)-(I), (D)-(II)
4. (A)-(IV), (B)-(I), (C)-(II), (D)-(III)

**Options :**
2268952716558. 1
2268952716559. 2
2268952716560. 3
2268952716561. 4

**Question Number : 192 Question Id : 226895700645 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସଂପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ (ଉପସ୍ଥିତ ସ୍ଥାନ) |
|---|---|
| (A) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ | (I) ବଲାଙ୍ଗିର |
| (B) ଜର୍ଜ୍ ହାଇସ୍କୁଲ୍ | (II) ବ୍ରହ୍ମପୁର |
| (C) ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ | (III) ସମ୍ବଲପୁର |
| (D) ଭଂଜବିହାର | (IV) ବରଗଡ |

ନିମ୍ନସ୍ଥ ବିକଳ୍ପଗୁଡ଼ିକ ମଧ୍ୟରୁ ଉପଯୁକ୍ତ ଉତ୍ତରଟି ସ୍ଥିର କର:

1. (A)-(I), (B)-(IV), (C)-(III), (D)-(II)
2. (A)-(IV), (B)-(III), (C)-(I), (D)-(II)
3. (A)-(III), (B)-(IV), (C)-(I), (D)-(II)
4. (A)-(III), (B)-(I), (C)-(IV), (D)-(II)

**Options :**
2268952716562. 1
2268952716563. 2
2268952716564. 3
2268952716565. 4

**Question Number : 193 Question Id : 226895700646 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ନିମ୍ନଲିଖିତ ବିଖଣ୍ଡିତ ବାକ୍ୟଟିକୁ ସଜାଡି ଅର୍ଥ ବୁଝାଉଥିବା ବାକ୍ୟରେ ପରିଣତ କର:

(A) ହେଲେ ଉଠିବା ପରେ ମଧ୍ୟ ସେଇ ଅବସାଦ , ବିଷାଦ,ମୁଖମଣ୍ଡଳ

(B) ପ୍ରଭୁଙ୍କର ମନର ଗତି ବଦଳିଯିବ

(C) ନିରେଖି ଚାହିଁଲେ, ତଥାପି କ୍ଳାନ୍ତ ମେଣ୍ଟିନି

(D) ଭାବିଥିଲେ ଅନନ୍ତ ଶୟନରୁ ଉଠିବା ପରେ

ଠିକ୍ ଉତ୍ତର ନିର୍ଦ୍ଧାରଣ କର ।

1. (D), (B), (A), (C)
2. (A), (C), (B), (D)
3. (B), (A), (D), (C)
4. (C), (B), (D), (A)

**Options :**
2268952716566. 1
2268952716567. 2
2268952716568. 3
2268952716569. 4

**Question Number : 194 Question Id : 226895700647 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ନିମ୍ନଲିଖିତ ବିଖଣ୍ଡିତ ବାକ୍ୟଟିକୁ ସଜାଡି ଅର୍ଥ ବୁଝାଉଥିବା ବାକ୍ୟରେ ପରିଣତ କର:

(A) ଦେଶସେବକ ତଥା ସ୍ୱାଧୀନତା ଚନ୍ଦ୍ରଶେଖର ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ଓ

(B) ଉଚ୍ଚଶିକ୍ଷାରୁ ବଞ୍ଚିତ ରାଧାମୋହନ ୧୯୨୭-୧୯୨୮ ମସିହାରେ

(C) ଅନେକ କବିତାବଳୀ ରଚନା କରିଥିଲେ

(D) ଜାତି ଓ ଦେଶପ୍ରେମମୂଳକ

ଠିକ୍ ଉତ୍ତର ନିର୍ଦ୍ଧାରଣ କର ।

1. (A), (B), (C), (D)
2. (A), (C), (B), (D)
3. (B), (A), (D), (C)
4. (C), (B), (D), (A)

**Options :**
2268952716570. 1
2268952716571. 2
2268952716572. 3
2268952716573. 4

**Question Number : 195 Question Id : 226895700648 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ନିମ୍ନୋକ୍ତ ଘଟଣା ଗୁଡିକୁ କ୍ରମାନ୍ୱୟରେ ସଜାଅ-

(A) ପାଇକ ବିଦ୍ରୋହ , ଓଡିଶା

(B) ଭାରତ ଛାଡ ଆନ୍ଦୋଳନ

(C) ସିପାହୀ ବିଦ୍ରୋହ

(D) ଭାରତର ସ୍ୱାଧୀନତା

ଠିକ୍ ଉତ୍ତର ନିର୍ଦ୍ଧାରଣ କର

1. (A), (B), (C), (D)
2. (A), (C), (B), (D)
3. (B), (A), (D), (C)
4. (C), (B), (D), (A)

**Options :**
2268952716574. 1
2268952716575. 2
2268952716576. 3
2268952716577. 4

**Question Number : 196 Question Id : 226895700649 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ନିମ୍ନୋକ୍ତ ପଦ୍ୟାଂଶ ଗୁଡିକୁ ନେଇ ପୂର୍ଣ୍ଣାଙ୍ଗ କାବ୍ୟପଦ କର:

(A) ଜଗତେ କେବଳ' ଜନେ ହସିବେ' ଏହି ତହୁଁ ଫଳ

(B) ଦେହେ ମନ୍ଦାକିନୀ ରଜ ଲଗାଇ

(C) ବରଜୀବ ରସେ ଦେଇ ମାନସ, ବରଜି ବରଷେ ଅମେଧ ଗ୍ରାସ

(D) ଗ୍ରାମଶୂକରୀ କି ହୋଇବ ଗାଇ

ଠିକ୍ ଉତ୍ତର ନିର୍ଦ୍ଧାରଣ କର ।

1. (A), (B), (C), (D)
2. (A), (C), (B), (D)
3. (B), (A), (D), (C)
4. (C), (B), (D), (A)

**Options :**

2268952716578. 1
2268952716579. 2
2268952716580. 3
2268952716581. 4

**Question Number : 197 Question Id : 226895700650 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ବିଖଣ୍ଡିତ ବାକ୍ୟ ଗୁଡିକୁ ସଜାଇ ଅର୍ଥ ବୁଝାଉଥିବା ବାକ୍ୟରେ ପରିଣତ କର-

(A) ବାକ୍ୟରେ ପଦଗୁଡ଼ିକୁ ବିଭକ୍ତ

(B) ବା ବର୍ଣ୍ଣନ ସମଷ୍ଟି (ଏ,କୁ,ରେ.......)

(C) କରିବାରେ ଯେଉଁ ବର୍ଣ୍ଣ

(D) ବିଭକ୍ତିର ପଦବାଚ୍ୟ ହୋଇଥାଏ

(E) ସାହାଯ୍ୟ କରନ୍ତି, ସେଗୁଡିକ ସାଧାରଣତଃ

ଠିକ୍ ଉତ୍ତର ନିର୍ଦ୍ଧାରଣ କର ।

1. (A), (B), (C), (D), (E)
2. (A), (C), (B), (E), (D)
3. (B), (A), (C), (D), (E)
4. (C), (B), (D), (A),(E)

**Options :**

2268952716582. 1
2268952716583. 2
2268952716584. 3
2268952716585. 4

**Question Number : 198 Question Id : 226895700651 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ବିଖଣ୍ଡିତ ବାକ୍ୟ ଗୁଡିକୁ ସଜାଇ ଅର୍ଥ ବୁଝାଉଥିବା ବାକ୍ୟରେ ପରିଣତ କର -

(A) ଯୁକ୍ତିସିଦ୍ଧ,ବିବେକ ସମନ୍ୱିତ ଓ ସମାଜିକ

(B) ବିବେକ ବିଚାରରୁ ମୁକ୍ତ ଓ ଅସାମାଜିକ

(C) କିନ୍ତୁ ଅବଚେତନ ମନ ଅସ୍ୱାଭାବିକ, ଯୁକ୍ତିହୀନ

(D) ମନୁଷ୍ୟର ଚେତନ ମନ ସ୍ୱାଭାବିକ

ଠିକ୍ ଉତ୍ତର ନିର୍ଦ୍ଧାରଣ କର ।

1. (D), (A), (C), (B)
2. (A), (C), (B), (D)
3. (B), (A), (D), (C)
4. (C), (B), (D), (A)

**Options :**
2268952716586. 1
2268952716587. 2
2268952716588. 3
2268952716589. 4

**Question Number : 199 Question Id : 226895700652 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ବିଭୁତି ପଟନାୟକ ପ୍ରାପ୍ତ କରିଥିବା ସମ୍ମାନ ଗୁଡିକୁ କାଳକ୍ରମେ ସଜାଡି ଲେଖ-

(A) ସାରଳା ସମ୍ମାନ

(B) ଓଡିଶା ସାହିତ୍ୟ ଏକାଡେମୀ ସମ୍ମାନ

(C) ସାହିତ୍ୟ ଏକାଡେମୀ ସମ୍ମାନ

(D) ସାହିତ୍ୟ ଭାରତୀ ସମ୍ମାନ

ଠିକ୍ ଉତ୍ତର ନିର୍ଦ୍ଧାରଣ କର ।

1. (A), (B), (C), (D)
2. (A), (C), (B), (D)
3. (B), (A), (D), (C)
4. (C), (B), (D), (A)

**Options :**
2268952716590. 1
2268952716591. 2
2268952716592. 3
2268952716593. 4

**Question Number : 200 Question Id : 226895700653 Question Type : MCQ Option Shuffling : No Display Question Number : Yes Is Question Mandatory : No**
**Correct Marks : 5 Wrong Marks : 1**

ନିମ୍ନୋକ୍ତ ବାକ୍ୟ ଗୁଡିକୁ ସଜାଇ ଭାବପୂର୍ଣ୍ଣ ବାକ୍ୟ ରଚନା କର -

(A) ହେଲେ ଧରନ୍ତି କାଠି

(B) ଲୋକେ ପୁଜନ୍ତି ଏଠି

(C) ମାଟିରେ ଗଢ଼ି ନାଗ ମୂରତି

(D) ଜୀଅନ୍ତା ନାଗ ଘରେ ପ୍ରକଟ

ଠିକ୍ ଉତ୍ତର ନିର୍ଦ୍ଧାରଣ କର ।

1. (A), (B), (C), (D)
2. (A), (C), (B), (D)
3. (B), (A), (D), (C)
4. (C), (B), (D), (A)

**Options :**

2268952716594. 1
2268952716595. 2
2268952716596. 3
2268952716597. 4